# ଶ୍ରୀଜଗନ୍ନାଥ ଚେତନାରେ ତନ୍ମୟ ଧାରା

● ଡ଼କ୍ଟର ସୁରେନ୍ଦ୍ର କୁମାର ମିଶ୍ର

ଶ୍ରୀଜଗନ୍ନାଥ ଚେତନାର ତନ୍ମୟ ଧାରା ହିଁ ପାଞ୍ଚରାତ୍ରାଗମର ନ୍ୟାସଯୋଗ । ନ୍ୟାସଯୋଗର ବାସ୍ତବ ରହସ୍ୟ ଆମେ ଯଦି ଅବଗତ ହେବା, ତେବେ ଜାଣିପାରିବା ଯେ ପୁରୁଷୋତ୍ତମ ଚେତନାର ଉପାସନା ଧାରାରେ ମୁଖ୍ୟସ୍ଥାନ ଲାଭ କରିଥିବା ତନ୍ମୟ ଧାରା କିପରି ବିକଶିତ ହୋଇ ପାଞ୍ଚରାତ୍ର ସାଧନାରେ ସ୍ଥାନ ପାଇଛି ।

ଆମର ମନେହୁଏ ଶ୍ରୀଜଗନ୍ନାଥ ଉପାସନାର ତନ୍ମୟ ଧାରାକୁ ପ୍ରଥମେ 'ଭାଗବତ ସମ୍ପ୍ରଦାୟ'ର ଉପାସକମାନେ ଗ୍ରହଣ କରିଥିଲେ । ସେମାନଙ୍କ ଦ୍ୱାରା ହିଁ ଭାରତରେ ଏହା ପ୍ରଚାର ପ୍ରସାର ଲାଭ କରିଥିଲା । ସେମାନେ ଏହାକୁ 'ଏକାୟନ ବିଦ୍ୟା'ରେ ସ୍ଥାନ ଦେଇଥିଲେ । ଭାଗବତବାଦୀମାନେ 'ପାଞ୍ଚରାତ୍ର-ଆଗମ'ର ସ୍ରୋତରେ ସମ୍ମିଳିତ ହୋଇଯିବା ପରେ ପାଞ୍ଚରାତ୍ରର ଭକ୍ତିବାଦୀମାନେ ତନ୍ମୟ ଧାରାକୁ ନିଜ ଉପାସନାରେ ଶ୍ରେଷ୍ଠ ସ୍ଥାନ ଦେଇଥିଲେ । ଆଦି ଶଙ୍କରାଚାର୍ଯ୍ୟଙ୍କ ପୂର୍ବବର୍ତ୍ତୀ କାଳରୁ ଏହା ସମ୍ଭବ ହୋଇ ସାରିଥିଲା ।

**ପାଞ୍ଚରାତ୍ରରେ ନ୍ୟାସଯୋଗ :-** ପାଞ୍ଚରାତ୍ର ଉପାସନାରେ ନ୍ୟାସଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଆମେ ସମସ୍ତେ ନ୍ୟାସଯୋଗର ବିଷୟବସ୍ତୁ ସହିତ ପରିଚିତ । କେବଳ ଶବ୍ଦଗତ ମାଧୁର୍ଯ୍ୟ ଭାବସମ୍ବେଗର ପରଦା ହଟିଗଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼ିବ ଯେ ଓଡ଼ିଆ ଜନଜୀବନର ଉପାସନାଭିତ୍ତିକ ଚଳଣି ହିଁ ନ୍ୟାସଯୋଗ । ଏୟା ହିଁ ପ୍ରତିଷ୍ଠାପିତ କରାଇବା ଏଇ ପ୍ରବନ୍ଧର ଉଦ୍ଦେଶ୍ୟ ।

ପ୍ରସଙ୍ଗ ଦୃଷ୍ଟିରୁ 'ତନ୍ମୟ ଧାରା'କୁ ବୁଝିବା ପୂର୍ବରୁ ନ୍ୟାସଯୋଗର ମୂଳ ରହସ୍ୟକୁ ଆମେ ପ୍ରଥମେ ବୁଝିବା । ତେବେ ସ୍ପଷ୍ଟ ହୋଇଯିବ ତନ୍ମୟ ଧାରାର କ୍ରମବିକଶିତ ପରିଣତି ହେଉଛି 'ପାଞ୍ଚରାତ୍ର-ଆଗମ'ର ନ୍ୟାସଯୋଗ ।

ସରଳରେ କହିଲେ ଈଶ୍ୱରଙ୍କ ପ୍ରତି ସର୍ବସ୍ୱ ସମର୍ପଣ ହିଁ ନ୍ୟାସ । ବୈଷ୍ଣବ ସମ୍ପ୍ରଦାୟରେ ଏହା ମୁକ୍ତି ପ୍ରାପ୍ତି ଉପାୟ ବୋଲି ଆଚାର୍ଯ୍ୟମାନେ ସ୍ୱୀକାର କରିଛନ୍ତି । ଉପାସନାରେ ନ୍ୟାସଯୋଗକୁ ଗ୍ରହଣ କଲେ ପରମଗତି ପ୍ରାପ୍ତ ହୁଏ । ଭାର୍ଗବ-ଉପ-ପୁରାଣର ୧ମ ଅଧ୍ୟାୟର ୫୬ ଶ୍ଳୋକରେ ଏହା ଘୋଷଣା କରାଯାଇଛି ।

**ସକୃଦ୍ ଗୃହୀତମାତ୍ରେଣ ଯାନ୍ତ୍ୟେବ ପରମାଂ ଗତିମ୍**

ପାଞ୍ଚରାତ୍ରର ପ୍ରାମାଣିକ ଗ୍ରନ୍ଥମାନଙ୍କରେ ନ୍ୟାସଯୋଗକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ବାଚିକନ୍ୟାସ ଓ ମାନସନ୍ୟାସ ।

**ବାଚିକନ୍ୟାସ :-** ପ୍ରଭୁଙ୍କ ଶରଣାଗତ ହୋଇ ତାଙ୍କ ପ୍ରତି ଉଚ୍ଚାରିତ ସମ୍ୟକ୍ 'ବାକ୍ୟ' ହିଁ ବାଚିକନ୍ୟାସ ଭାବରେ କଥିତ । ଏହି ବାଚିକନ୍ୟାସର ବଳୟ ମଧ୍ୟରେ ମନ୍ତ୍ର-ଜପ-ନାମ ଓ ସ୍ମରଣ, ଯେ ଚାରିଧାରା ସ୍ୱତନ୍ତ୍ର ଭୂମିକା ଗ୍ରହଣ କରେ । ଏହି ଚାରିଧାରା ହିଁ ଭକ୍ତକୁ ପରମପଦ ପ୍ରାପ୍ତି ଦିଗକୁ ପ୍ରେରିତ କରିଥାଏ । ଶ୍ରୀଜଗନ୍ନାଥ ଚେତନାରେ ଯେ ଚାରିଧାରାରେ ଆତ୍ମସମର୍ପଣ ଭାବନା ସନ୍ନିବିଷ୍ଟ । ବିନା ଆତ୍ମସମର୍ପଣରେ ଯେଥିରେ ସଫଳ ହେବା ଅସମ୍ଭବ ।

**ମାନସନ୍ୟାସ :-** ପାଞ୍ଚରାତ୍ର ମତରେ ଶରଣାଗତ ଭକ୍ତ ଯେତେବେଳେ ନିଜ ମନକୁ ନିଷ୍ଠାର ସହ ଈଶ୍ୱରଙ୍କ ଶରଣରେ ବିନିଯୋଗ କରେ, ତାହା ହିଁ ମାନସିକ ନ୍ୟାସ ବା ମାନସନ୍ୟାସ । ଶ୍ରୀଜଗନ୍ନାଥ ଚେତନାରେ ଏହା ମୂଳରୁ ରହିଛି । ଆମର କୁହାଯାଏ 'ଯାହାର ମନ ଯେଉଁ, ତାହାର ପ୍ରଭୁ ସେଉଁ' । ଜଗନ୍ନାଥ ଚେତନାରେ ମନ ସମ୍ପୂର୍ଣ୍ଣ ଜଗନ୍ନାଥମୟ ହେଲାପରେ ଭକ୍ତ ଜଗନ୍ନାଥଙ୍କ ନିକଟତର ହୋଇଥାଏ । ସେଥିପାଇଁ ଭକ୍ତର ଆକୁଳ ପ୍ରାର୍ଥନା ହେଉଛି 'ଜଗନ୍ନାଥସ୍ୱାମୀ ନୟନପଥଗାମୀ ଭବତୁ ମେ' ।

ମାନସନ୍ୟାସ ଉପାସନା ପଦ୍ଧତି ଦୁଇଭାଗରେ ବିଭକ୍ତ । ଭରନ୍ୟାସ ଓ ଆତ୍ମନ୍ୟାସ । ଭରନ୍ୟାସ ହେଲା ଇଷ୍ଟଫଳ ସାଧନ ପାଇଁ ପରମାତ୍ମାଙ୍କ ପାଖରେ ଆତ୍ମସମର୍ପଣ । ତେଣୁ ଏହାକୁ କେହି କେହି ଆତ୍ମଭରନ୍ୟାସ ବା ପ୍ରପତ୍ତି କହିଥାନ୍ତି ।

**ନିଶ୍ଚିତେଽନନ୍ୟସାଧ୍ୟସ୍ୟ ପରତ୍ରେଷ୍ଟସ୍ୟ ସାଧନେ ।**
**ଅୟମାତ୍ମଭରନ୍ୟାସଃ ପ୍ରପତ୍ତିରିତି ଚୋଚ୍ୟତେ ॥**
**(ଭରଦ୍ୱାଜ ସଂହିତା ୧/୭)**

**ଭରନ୍ୟାସ :-** ବୈଷ୍ଣବତନ୍ତ୍ରରେ ଭରନ୍ୟାସର ୫ଟି ଅଙ୍ଗ ସ୍ୱୀକାର କରାଯାଏ । ଏହାକୁ ପାଞ୍ଚରାତ୍ର ଉପାସନାରେ 'ପ୍ରପତ୍ତି'ର ୫ ଅଙ୍ଗ ବୋଲି ନିର୍ଦ୍ଦିଷ୍ଟ କରାଯାଇଛି । ବୈଷ୍ଣବତନ୍ତ୍ରର ୫ ଅଙ୍ଗ ଏବଂ ପାଞ୍ଚରାତ୍ର ଉପାସନାର ୫ଟି ପ୍ରପତ୍ତି ଉଭୟେ

ଶ୍ରୀଜଗନ୍ନାଥ ଚେତନାରେ ମୁଖ୍ୟସ୍ଥାନ ଗ୍ରହଣ କରିଥିଲେ ।

ବୈଷ୍ଣବ ଧାରାରେ 'ପ୍ରପତ୍ତି'ର ବାସ୍ତବ ପରିଭାଷା ଉଲ୍ଲିଖିତ ଅଛି । ଏହାର ସ୍ପଷ୍ଟ ରୂପରେଖ ନ ଜାଣିଲେ ଭରନ୍ୟାସର ବାସ୍ତବତା ବୁଝିହେବ ନାହିଁ କିମ୍ବା ଶ୍ରୀଜଗନ୍ନାଥ ଚେତନାରେ ଭରନ୍ୟାସ ପଦ୍ଧତି କିପରି ମୂଳରୁ ସନ୍ନିବେଶିତ ଥିଲା, ତାହା ଜାଣି ହେବ ନାହିଁ । ପ୍ରପତ୍ତି ସମ୍ବନ୍ଧରେ ପ୍ରଥମେ ବାଲ୍ମୀକି ରାମାୟଣରେ ଉଲ୍ଲିଖିତ ହୋଇଛି ।

**ଆର୍ତ୍ତୋ ବା ଯଦି ବା ଦୃପ୍ତଃ ପରେଷାଂ ଶରଣାଗତଃ ।**
**ଅରିଃ ପ୍ରାଣାନ୍ ପରିତ୍ୟଜ୍ୟ ରକ୍ଷିତବ୍ୟଃ କୃତାତ୍ମନା ॥**

**ଯୁଦ୍ଧକାଣ୍ଡ ୧୮/୨୮**

ପାଞ୍ଚରାତ୍ରର 'ପ୍ରପନ୍ନପାରିଜାତ' ଗ୍ରନ୍ଥର ୨ ଅଧ୍ୟାୟ ୨୪ ଶ୍ଳୋକରେ ମଧ୍ୟ ଏହା ସ୍ପଷ୍ଟ ହୋଇଛି । ନ୍ୟାସଯୋଗ ହିଁ ପ୍ରପତ୍ତି, ଅର୍ଥାତ୍ ଶରଣାଗତି । ଭଗବାନଙ୍କୁ ପାଇବା ପାଇଁ ଦୃଢ଼ବୁଦ୍ଧି ହିଁ ଈଶ୍ୱର ପ୍ରାର୍ଥନାରେ ପର୍ଯ୍ୟବଶିତ ହୁଏ । ତାହା ପ୍ରପତ୍ତି । ଅଭିଷ୍ଟ ସାଧନ ପାଇଁ ବିଶ୍ୱାସର ସହ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ହିଁ ପ୍ରପତ୍ତି ବା ଶରଣାଗତି । (ତତ୍ରୈବ-୨/୨୫) ସରଳରେ କହିଲେ ଶରଣାଗତି ହିଁ ପ୍ରପତ୍ତି । ଶରଣାଗତ ହୋଇ ଆତ୍ମସମର୍ପଣ ହିଁ ଭରନ୍ୟାସ ।

ପରବର୍ତ୍ତୀ କାଳରେ ଉପାସନାର ସୁବିଧା ଦୃଷ୍ଟିରୁ ଏହା ଦୁଇଭାଗରେ ବିଭକ୍ତ ହୋଇଛି । ଆର୍ତ୍ତପ୍ରପତ୍ତି ଓ ଦୃପ୍ତପ୍ରପତ୍ତି । ଆର୍ତ୍ତପ୍ରପତ୍ତିରେ ପ୍ରାରବ୍ଧ ଦେହର ସମାପ୍ତି ଚେଷ୍ଟାର ପ୍ରଚେଷ୍ଟା ହୁଏ । ଦୃପ୍ତପ୍ରପତ୍ତିରେ ଭକ୍ତର ବର୍ତ୍ତମାନ ଶରୀରର ସମାପ୍ତି ପ୍ରଚେଷ୍ଟା ହୋଇଥାଏ । (ଭରଦ୍ୱାଜ ସଂହିତା ୧/୨୦) ପ୍ରପତ୍ତିକୁ ପାଞ୍ଚରାତ୍ର ଉପାସକମାନେ କରଣ ତ୍ରୟ ଭେଦରେ ତିନି ଭାଗରେ ବିଭକ୍ତ କରିଥାନ୍ତି । କାୟିକୀ - ବାଚିକୀ ଓ ମାନସୀ ପ୍ରପତ୍ତି ରୂପରେ ।

**କାୟିକୀପ୍ରପତ୍ତି :-** ସାଷ୍ଟାଙ୍ଗ ପ୍ରଣାମ, ଶଙ୍ଖ ଚକ୍ରାଦିଧାରଣ, ଚିତାଧାରଣ ଏବଂ ଗୁରୁଙ୍କ ନିୟମ ଅନୁସାରେ ଯେଉଁ ଆତ୍ମସମର୍ପଣ କରାଯାଏ ତାହା କାୟିକୀ ପ୍ରପତ୍ତି ।

**ବାଚିକୀ ପ୍ରପତ୍ତି :-** ସଂପ୍ରଦାୟର ଗୁରୁପରମ୍ପରା ଅନୁଯାୟୀ ଆଚାର୍ଯ୍ୟଙ୍କର ଅଧୀନ ହୋଇ ମନ୍ତ୍ରାର୍ଥ ତତ୍ତ୍ୱର ଗୂଢ଼ ତତ୍ତ୍ୱକୁ ପ୍ରଥମେ ଜାଣିବାକୁ ହୁଏ । ତାହା ପରେ ମନ୍ତ୍ର ଉଚ୍ଚାରଣ କରାଯାଏ । ଉପାସନାରେ ମନ୍ତ୍ର ଉଚ୍ଚାରଣ କରି ଯେଉଁ ଆତ୍ମସମର୍ପଣ କରାଯାଏ ତାହା ବାଚିକୀପ୍ରପତ୍ତି ।

**ମାନସୀପ୍ରପତ୍ତି :-** କାୟିକୀପ୍ରପତ୍ତିରେ ଭକ୍ତ ଶଙ୍ଖଚକ୍ରାଦି ଚିତ୍ତା ଧାରଣ କରିସାରିଥାଏ । ବାଚିକୀପ୍ରପତ୍ତିରେ ଗୁରୁଙ୍କଠାରୁ ମନ୍ତ୍ରର ନିଗୂଢ଼ ଅର୍ଥ ଜାଣି ସାରିଥାଏ । ତାହା ପରେ ଭକ୍ତ ଉପାସନାର ବିଭିନ୍ନ ଅଙ୍ଗ ସହିତ ମନ୍ତ୍ରାର୍ଥ ବିଷୟକୁ ଜାଣି ପରମଗତି ପ୍ରାପ୍ତି ନିମିତ୍ତ ଆତ୍ମସମର୍ପଣ କରିଥାଏ । ଯାହାକି ଭରନ୍ୟାସାତ୍ମକ । ସମ୍ପୂର୍ଣ୍ଣ ଶରଣାଗତ ହୋଇ ଆତ୍ମସମର୍ପଣ କରିବା ହିଁ ମାନସୀପ୍ରପତ୍ତି । ଦ୍ରୌପଦୀଙ୍କ ପରି ଅଟଳ ବିଶ୍ୱାସରେ ହାତ ଉପରକୁ ଟେକିଦେବା ।

ଏହି ପ୍ରପତ୍ତି ଉଭୟାତ୍ମିକା । କାୟିକୀପ୍ରପତ୍ତି ଏବଂ ବାଚିକୀପ୍ରପତ୍ତିର ସମାହାର । କାୟିକୀପ୍ରପତ୍ତିର ଶଙ୍ଖ ଚକ୍ରତତ୍ତ୍ୱ ଶ୍ରୀଜଗନ୍ନାଥ ଚେତନାର । ଶ୍ରୀଜଗନ୍ନାଥଙ୍କ ବିଗ୍ରହର ଦୁଇ ଅର୍ଦ୍ଧହସ୍ତର ଚିହ୍ନ ହେଉଛି ଶଙ୍ଖ ଓ ଚକ୍ର । ଯାହା ବିଚାରଯୋଗ୍ୟ । ଆମକୁ ଦୁଇ ହସ୍ତରେ ଶଙ୍ଖ ଚକ୍ର ଦିଶୁଥିବା ବେଳେ ଗଦା ପଦ୍ମ ଚିହ୍ନ ନାହିଁ । ଅର୍ଥାତ୍ ଶଙ୍ଖ ଚକ୍ରର ଦାର୍ଶନିକ ତତ୍ତ୍ୱ ସ୍ପଷ୍ଟ ଉଦ୍‌ଭାଷିତ । ଗଦା, ପଦ୍ମ ଦାର୍ଶନିକ ତତ୍ତ୍ୱ ଏଠାରେ ଲୁକ୍କାୟିତ ।

ଶଙ୍ଖ ହେଉଛି 'ଶୁଦ୍ଧ ମନ'ର ପ୍ରତୀକ । ଚକ୍ର ହେଉଛି 'ଶୁଦ୍ଧ ବିଦ୍ୟା'ର ପ୍ରତୀକ । ଅତଏବ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସହିତ ଏହି ଦୁଇଟି ତତ୍ତ୍ୱ ସଂଯୁକ୍ତ । ଆଲବାର ଧାରାର ଦିବ୍ୟସୂରି ବା ଦ୍ୱାଦଶ ଗୁରୁମାନଙ୍କ ମଧ୍ୟରୁ 'ମହଦ୍‌ଯୋଗୀ' ଦକ୍ଷିଣ ଭାରତରୁ ୬ଷ୍ଠ ଶତାବ୍ଦୀର ପ୍ରଥମ ପାଦରେ ନୀଳାଦ୍ରି କ୍ଷେତ୍ରକୁ ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ଏହି ଦୁଇଟି ତତ୍ତ୍ୱକୁ ତାଙ୍କ ଉପାସନାରେ ଗ୍ରହଣ କରିଛନ୍ତି, ଆମର ବିଶ୍ୱାସ । ତାହା ନ୍ୟାସଯୋଗ ପଦ୍ଧତିରେ ସ୍ଥାନ ପାଇଛି । ଶୁଦ୍ଧ ବିଦ୍ୟା ଓ ଶୁଦ୍ଧ ମନକୁ ସେ ଗୁରୁଙ୍କ ଠାରେ ଲାକ୍ଷଣିକ କରିଛନ୍ତି । ଅର୍ଥାତ୍ ଏହି ଦୁଇଟି ତତ୍ତ୍ୱ ଯୁକ୍ତ ହୋଇ ଥିବା ଗୁରୁ ଯେଉଁ ମନ୍ତ୍ର ଦାନ କରିଛନ୍ତି, ତାହାକୁ ସଠିକ୍ ଭାବରେ ବୁଝି ଉପାସନାରେ ଛଅଟି ଯାକ ଅଙ୍ଗକୁ ଅଙ୍ଗୀଭୂତ କରାଇ ଆତ୍ମ ସମର୍ପଣ କରିବା ହିଁ ମାନସୀପ୍ରପତ୍ତି । ଏହା ଯେତେ ସରଳରେ ବୁଝିଲେ ବି ପ୍ରୟୋଗ ଦୃଷ୍ଟିରୁ କଠିନ । ଶ୍ରୀଜଗନ୍ନାଥଙ୍କ ବାହୁର ମୁଦ୍ରା ହେଉଛି ଆତ୍ମସମର୍ପଣର ଆକର୍ଷଣ ।

ଆଲବାର ଧାରା ପାଞ୍ଚରାତ୍ର-ଆଗମରେ ସମୀକରଣ ହୋଇଯିବା ପରେ ମାନସୀପ୍ରପତ୍ତିର ଅନ୍ତର୍ନିହିତ ତତ୍ତ୍ୱ ମଧ୍ୟ ପାଞ୍ଚରାତ୍ର-ଆଗମରେ ଗୃହୀତ ହୋଇଗଲା । ତେବେ ଶ୍ରୀଜଗନ୍ନାଥ ଚେତନାର ମୂଳ ସିଦ୍ଧାନ୍ତକୁ ନେଇ ପାଞ୍ଚରାତ୍ରାଗମର ଏହି ଉପାସନା ବିକାଶ ଲାଭ କରିଥିବାର ଜଣାଯାଉଛି ।

ପୂର୍ବ ଆଲୋଚିତ ପାଞ୍ଚଟି ଅଙ୍ଗକୁ ଭରନ୍ୟାସରେ ଗ୍ରହଣ କରାଯାଇଥିବା ବେଳେ, ଆତ୍ମନ୍ୟାସରେ ପ୍ରପତ୍ତିର ଷଷ୍ଠ ଅଙ୍ଗକୁ ଗ୍ରହଣ କରାଯାଇଛି ।

**ନ୍ୟାସଲିଙ୍ଗବତାଙ୍ଗେନ ଧ୍ୟାଽର୍ଥଞ୍ଚସ୍ୟ ମନ୍ତ୍ରତଃ ।**
**ଉପାସିତ ଗୁରୋଃ ସମ୍ୟକ୍ ପ୍ରପତ୍ତିର୍ମାନସୀ ଭବେତ୍ ॥**

**(ଭରଦ୍ୱାଜ ସଂହିତା ୧/୨୪)**

**ପ୍ରପତ୍ତିର ପାଞ୍ଚ ଅଙ୍ଗ :-** ଏଗୁଡ଼ିକ ହେଲା (୧) ଆନୁକୂଲ୍ୟ ସଂକଳ୍ପ, (୨) ପ୍ରାତିକୂଲ୍ୟ ବର୍ଜନ, (୩) ରକ୍ଷଣ ବିଶ୍ୱାସ, (୪) ଗୋପ୍ତୃତ୍ୱ ବରଣ, (୫) କାର୍ପଣ୍ୟ । ଏହି ୫ଟି ଅଙ୍ଗକୁ ଭରନ୍ୟାସରେ ଗ୍ରହଣ କରାଯାଇଥିବା କଥା ଆମେ ଜାଣିଲେ । ଷଷ୍ଠ ଅଙ୍ଗ ହେଉଛି 'ଆତ୍ମନିକ୍ଷେପ' । ଭରନ୍ୟାସରେ ଯେପରି ୫ଟି ଅଙ୍ଗ ଅନ୍ତର୍ଭୁକ୍ତ, ଆତ୍ମନ୍ୟାସରେ ସେପରି ଷଷ୍ଠ ଅଙ୍ଗ 'ଆତ୍ମନିକ୍ଷେପ' ଅନ୍ତର୍ଭୁକ୍ତ ।

ପ୍ରଥମ ୫ଟି ଅଙ୍ଗ ଶ୍ରୀଜଗନ୍ନାଥ ଚେତନାରେ ମୂଳରୁ ରହି ଆସିଛି । ତାହା କିପରି ଭାବରେ ରହିଥିଲା ଏବଂ ତାହାର ବାସ୍ତବ ସିଦ୍ଧାନ୍ତ କ'ଣ, ଆମେ ବିଚାର ବିମର୍ଶ କରିବା ପରେ ଜାଣି ହେବ ଯେ ଦିନେ ସମଗ୍ର ଭାରତବର୍ଷରେ ସର୍ବଶ୍ରେଷ୍ଠ ଚେତନା ଭାବରେ ଶ୍ରୀଜଗନ୍ନାଥ ଚେତନା ବିକାଶ ଲାଭ କରିଥିଲା । ଏହି ଚେତନାର ଉପାସନା ଧାରା ଭାରତବର୍ଷର ବିଭିନ୍ନ ସମ୍ପ୍ରଦାୟରେ ଗୃହୀତ ହୋଇଥିଲା । ବିଶେଷ ଭାବରେ ପାଞ୍ଚରାତ୍ରାଗମର ଉପାସନାରେ ଆଜି ପର୍ଯ୍ୟନ୍ତ ଏହି ଦିଗଟି କିପରି 'ନ୍ୟାସଯୋଗ'ର ବଳୟ ଭିତରେ ଋଦ୍ଧିମନ୍ତ, ତାହା ଲକ୍ଷ୍ୟ କରିବାର କଥା ।

**ଆନୁକୂଲ୍ୟ ସଂକଳ୍ପ :-** ପ୍ରପତ୍ତିରେ 'ଆନୁକୂଲ୍ୟ ଆଚରଣ'କୁ ଆନୁକୂଲ୍ୟ ସଂକଳ୍ପ ଭାବରେ ଗ୍ରହଣ କରାଯାଏ । ଅର୍ଥାତ୍ ଈଶ୍ୱରଙ୍କ ପ୍ରତି ଆନୁକୂଲ୍ୟ ଆଚରଣ ହିଁ ଆନୁକୂଲ୍ୟ ସଂକଳ୍ପ । ଶ୍ରୀଜଗନ୍ନାଥଙ୍କ ପାଇଁ ଆନୁକୂଲ୍ୟ ଭାବନା ଅବ୍ୟାହତ ରଖିବାକୁ ହେଲେ ସମସ୍ତ ପ୍ରାଣୀମାନଙ୍କ ପ୍ରତି ଅନୁକୂଳ ଆଚରଣର ଆବଶ୍ୟକତା ସର୍ବାଦୌ ଅପରିହାର୍ଯ୍ୟ । ଉପାସନାରେ ଏହା ଏକ ମୁଖ୍ୟ ଆବଶ୍ୟକତା । କାରଣ ସ୍ୱରୂପ କୁହାଯାଏ, ଜଗନ୍ନାଥ ହିଁ ଅନ୍ତର୍ଯ୍ୟାମୀ ରୂପରେ ସମସ୍ତ ପ୍ରାଣୀମାନଙ୍କ ଠାରେ ବିଦ୍ୟମାନ । ଅତଏବ ସମସ୍ତ ପ୍ରାଣୀମାନଙ୍କ ପ୍ରତି ଆନୁକୂଲ୍ୟ ହିଁ ଭକ୍ତ ଠାରେ ସଂକଳ୍ପତାକୁ ସୃଷ୍ଟି କରିଥାଏ ।

ତେଣୁ ବହୁ ପ୍ରାଚୀନ କାଳରୁ ଜଗନ୍ନାଥ ଚେତନାରେ ରହିଥିବା ଏହି ଭାବଧାରା ସମ୍ବନ୍ଧରେ ଆମେ ଅବଗତ ଅଛେ । ଜଗତ ଓ ଜଗନ୍ନାଥ ଯେ ଉଭୟଙ୍କର ସମନ୍ୱୟ ଧାରା ଆମ ସଂସ୍କୃତିରୁ ସୃଷ୍ଟ । ଜଗତ ପ୍ରତି ଅନୁକୂଳ ଆଚରଣ ନହେଲେ ଜଗନ୍ନାଥଙ୍କ ପ୍ରତି ଅନୁକୂଳ ଆଚରଣ ରହିବ ନାହିଁ । ସେହିପରି ଜଗନ୍ନାଥଙ୍କ ପ୍ରତି ଅନୁକୂଳ ଆଚରଣ ନ ରହିଲେ ଜଗତ ପ୍ରତି ଅନୁକୂଳ ଆଚରଣ ସୃଷ୍ଟି ହେବ ନାହିଁ । ଜଗତ ହିଁ ଜଗନ୍ନାଥମୟ । ଜଗନ୍ନାଥ ବି ଜଗତମୟ ।

**ପ୍ରାତିକୂଲ୍ୟ ବର୍ଜନ :-** ପ୍ରପତ୍ତିର ଏହା ଦ୍ୱିତୀୟ ଅଙ୍ଗ । ଶ୍ରୀଜଗନ୍ନାଥଙ୍କ ଆରାଧନାର ପ୍ରତିକୂଳ କର୍ମଗୁଡ଼ିକର ତ୍ୟାଗ ହିଁ ପ୍ରାତିକୂଲ୍ୟ ବର୍ଜନ । ପ୍ରତିକୂଳ କର୍ମ ମଧ୍ୟରେ ହିଂସାରୁ ବିରତ ହେବା ହିଁ ପ୍ରାତିକୂଲ୍ୟ ବର୍ଜନର ପ୍ରଧାନ ସାଧନ ।

'ହିଂସା'କୁ ମନରୁ ଦୂରେଇ ଦେବାକୁ ହେଲେ 'ଭଲ ପାଇବା' ହିଁ ମହୌଷଧିର କାର୍ଯ୍ୟ କରେ । ଭଲ ପାଇବାର ମାନସିକତା ଥରେ ଭକ୍ତ ମନରେ ବିକଶିତ ହେବାର ପ୍ରକ୍ରିୟା ଆରମ୍ଭ କଲେ ହିଂସାଭାବ ଆସ୍ତେ ଆସ୍ତେ ଲୋପ ହେବାକୁ ଆରମ୍ଭ କରିବ । ଭଲ ପାଇବାର ମୁଦ୍ରାରେ ହିଁ ପ୍ରଭୁ ଶ୍ରୀଜଗନ୍ନାଥ ବିଦ୍ୟମାନ । ବିଶ୍ୱରେ ଏହା ଏକ ବିଲକ୍ଷଣ ମୁଦ୍ରା । ଭଲ ପାଆନ୍ତି ବୋଲି ତ କୋଳେଇ ନେବାର ମୁଦ୍ରାରେ ହସ୍ତ ତାଙ୍କର ପ୍ରସାରିତ !

**ରକ୍ଷଣ ବିଶ୍ୱାସ :-** ଜଗନ୍ନାଥ ରକ୍ଷା କରିବେ, ଏଇ ବିଶ୍ୱାସ ବୋଧ ହିଁ 'ରକ୍ଷଣ ବିଶ୍ୱାସ' । ପ୍ରପତ୍ତିର ଏହା ତୃତୀୟ ଅଙ୍ଗ । ଉପରୋକ୍ତ ବିଶ୍ୱାସବୋଧ ଆତ୍ମ ସମର୍ପିତ ଭକ୍ତ ହୃଦୟରେ ସଂଚରିତ ହୋଇଯିବା ପରେ ସେ ସଂପୂର୍ଣ୍ଣ ଚିନ୍ତାରହିତ ହୋଇଯାଏ । କେବଳ ବିଶ୍ୱାସ ଆସିବା ଦରକାର ଯେ ମୋ ରକ୍ଷାଭାର ସ୍ୱୟଂ ଜଗନ୍ନାଥଙ୍କ ଉପରେ ନ୍ୟସ୍ତ । ମୋର ଅନ୍ୟ କିଛି ଆଉ କରିବାର ନାହିଁ । ସାଧନାରେ ଏ ଯେଉଁ ବିଶ୍ୱାସ, ଏ ବିଶ୍ୱାସ ତ ଓଡ଼ିଆ ଜନ ଜୀବନରେ କାହିଁ କେତେଦିନୁ ରକ୍ତଗତ ହୋଇସାରିଛି ! କାହିଁ କେତେ ଦୂରଦୂରାନ୍ତରେ ରହି ଅସୁବିଧାରେ ସମ୍ମୁଖୀନ ହେଲେ ତା ତୁଣ୍ଡରୁ ବାହାରି ଆସେ ହଁ ! ପ୍ରଭୁ ଅଛନ୍ତି । ହାତ ତାର ଜଗନ୍ନାଥଙ୍କ ପ୍ରତି ଯୋଡ଼ି ହୋଇଯାଏ ।

**ଗୋପ୍ତୃତ୍ୱ ବରଣ :-** ଶରଣାଗତ ଭକ୍ତ ବା ସାଧକ ଗୁପ୍ତ ଭାବରେ ଶ୍ରୀଜଗନ୍ନାଥଙ୍କୁ ବରଣ କରେ । ଇଷ୍ଟଙ୍କୁ ଗୁପ୍ତ ଭାବରେ ବରଣ କରିବା ହିଁ ଗୋପ୍ତୃତ୍ୱ ବରଣ । ପ୍ରପତ୍ତିର ଏହା ଚତୁର୍ଥ ଅଙ୍ଗ । ଯାର ଅନ୍ତର୍ନିହିତ ଅଭିପ୍ରାୟ ହେଲା ମୁମୁକ୍ଷୁ ନିଜ ରକ୍ଷା ପାଇଁ ହେ ଜଗନ୍ନାଥ ! ତୁମେ ମୋର ରକ୍ଷକ ହୁଅ '', ଏହି ମାନସିକତାରେ ଜଡ଼ସଡ଼ ହୋଇଯିବା । ଏହାକୁ ପାଞ୍ଚରାତ୍ର ଆଗମରେ 'ପ୍ରାର୍ଥନା ବୁଦ୍ଧି'' ଶବ୍ଦରେ ବ୍ୟକ୍ତ କରାଯାଏ । ଏହି ଶବ୍ଦ ଏକ ପାରିଭାଷିକ ଶବ୍ଦ । ଜଗନ୍ନାଥଙ୍କ ପ୍ରତି ଆମର ଯେଉଁ ଜଡ଼ସଡ଼ ମାନସିକତା ତାହାର କ୍ରମବିକାଶ ହିଁ ପ୍ରାର୍ଥନା ବୁଦ୍ଧି'' । ଯାହା ପାଞ୍ଚରାତ୍ରାଗମ ଉପାସନାରେ ସ୍ଥାନ ପାଇଛି । ଏହି 'ପ୍ରାର୍ଥନା ବୁଦ୍ଧି'କୁ 'ଗୋପ୍ତୃତ୍ୱ ବରଣ' ଅଙ୍ଗ ନାମ ଦେଇ ପାଞ୍ଚରାତ୍ରାଗମ ନ୍ୟାସଯୋଗରେ ଅଙ୍ଗୀଭୂତ କରିଛି ।

**କରୁଣାବାନପି ବ୍ୟକ୍ତିଂ ଶକ୍ତଃ ସ୍ୱାମପିଦେହିନାମ୍ ।**
**ଆପ୍ରାର୍ଥିତୋ ନ ଗୋପାୟେଦିତି ତତ୍ପ୍ରାର୍ଥନାମତି ।।**
**ଗୋପାୟିତ୍ୱା ଭବେତ୍ୟେବଂ ଗୋପ୍ତୃତ୍ୱବରଣଂ ସ୍ମୃତମ୍ ।**

**(ଲକ୍ଷ୍ମୀତନ୍ତ୍ର ୧୭/୭୨-୭୩)**

**କାର୍ପଣ୍ୟ :-** ଶ୍ରୀଜଗନ୍ନାଥଙ୍କ ପାଖରେ ଭକ୍ତ ଆତ୍ମସମର୍ପଣ କଲା ପରେ ନିଜକୁ ଅକିଞ୍ଚନ ମନେ କରେ । ''ଜଣେ ସାଧାରଣ ଅକିଞ୍ଚନ, ସାଧନା ଜାଣିନାହିଁ'', ଏହିପରି ଭାବନାରେ ଦ୍ରବିଭୂତ ନ ହେଲା ପର୍ଯ୍ୟନ୍ତ ସେ ସଂପୂର୍ଣ୍ଣ ଆତ୍ମସମର୍ପଣ କରିବା ସମ୍ଭବ ନୁହେଁ । ଏହି ଭାବନା ହେଉଛି ସାଧନା କ୍ଷେତ୍ରରେ ଉର୍ଦ୍ଧ୍ୱାଭିମୁଖୀ ଭାବନା । ଏଥିପାଇଁ ସଂପୂର୍ଣ୍ଣ ଗର୍ବଭାବକୁ ପ୍ରଥମେ ତ୍ୟାଗ କରିବାକୁ ପଡ଼େ । ତାହା ପରେ ଯେଉଁ 'ଭାବ' ରେ ସେ ଉଦ୍‌ବୁଦ୍ଧ ହୁଏ, ତାହା କାର୍ପଣ୍ୟ ଭାବ । ଏହା ପ୍ରପତ୍ତିର ପଞ୍ଚମ ଅଙ୍ଗ ।

ସାଧନା ପାଇଁ ଅଙ୍ଗଭୂତ ସାମଗ୍ରୀର ଅଭାବରେ କର୍ମସିଦ୍ଧି ହୁଏ ନାହିଁ । ଯଦି ଦୈବାତ୍ ଅଙ୍ଗଭୂତ ସାମଗ୍ରୀ ଯୋଗାଡ଼ ହୁଏ, ତେବେ ବି କର୍ମ ପାଇଁ ଉପଯୁକ୍ତ 'ଶକ୍ତି'ର ଅଭାବ ପଡ଼ିପାରେ । ଉପଯୁକ୍ତ 'ଶକ୍ତି'ର ଅଭାବରେ 'ଜ୍ଞାନ' ସିଦ୍ଧ ହୁଏ ନାହିଁ । ଜ୍ଞାନର ଅଭାବରେ ଅଧିକାର ସିଦ୍ଧି ଆସେ ନାହିଁ । ଏହାକୁ 'ଅଧିକାର ଅସିଦ୍ଧି' ଶବ୍ଦରେ ବୈଷ୍ଣବତନ୍ତ୍ରରେ ବ୍ୟକ୍ତ କରାଯାଇଛି । ଦେଶ-କାଳ-ଗୁଣ, ଏହି ତିନୋଟିର ଅବକ୍ଷୟରେ 'ଭକ୍ତି' ଆସେ ନାହିଁ । ତେଣୁ ପାଞ୍ଚରାତ୍ର ଶାସ୍ତ୍ରରେ କୁହାଯାଇଛି 'ଅଧିକାର ଅସିଦ୍ଧି' ହେଲେ କର୍ମ-ଜ୍ଞାନ-ଭକ୍ତି ତିନୋଟି ଯାକ ଉପାୟ ସିଦ୍ଧ ହୁଏ ନାହିଁ । ଅର୍ଥାତ୍ ସାଧନାରେ ସିଦ୍ଧି ଆସେ ନାହିଁ । ଉପାୟ ସ୍ଥାନରେ ବହୁଳ ଭାବରେ 'ଅପାୟ' ଆସେ । ଏହି ସମସ୍ତ କାରଣରୁ ସାଧକର 'ଗର୍ବ' ହ୍ରାସ ହୁଏ । ଗର୍ବ ଖର୍ବ ହେବାପରେ ସେଥିରୁ ଉତ୍ପନ୍ନ ହୁଏ ଦୈନ୍ୟ । ସେହି 'ଦୈନ୍ୟ' ଭାବ ହିଁ କାର୍ପଣ୍ୟ ।

**ଇତି ଯା ଗର୍ବହାନିସ୍ତଦ୍ ଦୈନ୍ୟଂ କାର୍ପଣ୍ୟମୁଚ୍ୟତେ ।**

**(ଲ.ତ. ୧୭/୭୦)**

ଏହି ଦୈନ୍ୟଭାବ ଜଗନ୍ନାଥ ଚେତନାର ମୂଳବିନ୍ଦୁ । ବହୁ ପ୍ରାଚୀନ କାଳରୁ ଏହା ଶ୍ରୀଜଗନ୍ନାଥ ଉପାସନରେ ରହି ଆସିଛି । ଶରଣାଗତ ଭକ୍ତ ଆତ୍ମ ସମର୍ପିତ ହୋଇ କାକୁତି ମିନତି ଭାବରେ ନିଜକୁ 'ଛାର ଗୋଟାଏ ମଣିଷ' ବୋଲି ମନେ କରି ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରିଥାଏ । ନିଜକୁ ନ୍ୟୂନାତିନ୍ୟୂନ ମନେ କରି ଶ୍ରୀଜଗନ୍ନାଥଙ୍କ ପାଖରେ ଶରଣାପନ୍ନ ହେବା ଓଡ଼ିଆ ପରିବାରର ବଂଶାନୁଗତ ଚଳଣି । ଏବେ ବି ଏହା ବଳବତ୍ତର ରହିଛି । ଏହାର ବହୁ ଉଦାହରଣ ଓଡ଼ିଆ ଭଜନ, ପ୍ରାର୍ଥନା, ଜଣାଣ, ଛାନ୍ଦ, ଚଉପଦୀ ଓ ଓଡ଼ିଶୀ ଗୀତରେ ଦେଖିବାକୁ ମିଳେ ।

ଅତଏବ ବୈଷ୍ଣବ ସମ୍ପ୍ରଦାୟମାନଙ୍କରେ 'ନ୍ୟାସଯୋଗ'ରେ ଯେଉଁ ଉପାସନା କଥା କୁହାଯାଇଛି ତାହା ଶ୍ରୀଜଗନ୍ନାଥ ଚେତନାର ଉପାସନା ଧାରାର ଅବିକଳ ରୂପରେଖ ।

**ନ୍ୟାସ ଯୋଗର ରୈଖିକ ସ୍ୱରୂପ :-** ଶ୍ରୀଜଗନ୍ନାଥ ଚେତନାରେ ପ୍ରାଚୀନକାଳରୁ ଅନୁସୃତ ପାଞ୍ଚ ଅଙ୍ଗ ବୈଷ୍ଣବ ସମ୍ପ୍ରଦାୟର ତାନ୍ତ୍ରିକ ଉପାସନାରେ ପାଞ୍ଚ ଅଙ୍ଗ ରୂପେ 'ଭରନ୍ୟାସ'ରେ ସ୍ପଷ୍ଟ ଦେଖିବାକୁ ମିଳେ । ଆମେ ଜାଣିଲେ ବାଚିକନ୍ୟାସ ଓ ମାନସନ୍ୟାସ ଭାବରେ ନ୍ୟାସଯୋଗ ଦୁଇଭାଗରେ ବିଭକ୍ତ । ମାନସନ୍ୟାସ ମଧ୍ୟ ଦୁଇ ଭାଗ ହୋଇ ଭରନ୍ୟାସ ଓ ଆତ୍ମନ୍ୟାସ ଭାବେ ଚର୍ଚ୍ଚିତ । ଯେବେ ଦେଖିବା ଆତ୍ମନ୍ୟାସ କ'ଣ ? ଏହା କିପରି ଶ୍ରୀଜଗନ୍ନାଥ ଚେତନାର ଉପାସନା ଧାରାରେ ରହିଥିଲା ?




**ଆତ୍ମନ୍ୟାସ :-** ଶରଣାଗତି (ପ୍ରପତ୍ତି)ର ଷଷ୍ଠ ଅଙ୍ଗ 'ଆତ୍ମନିକ୍ଷେପ'କୁ ବୈଷ୍ଣବ ଧାରାରେ ଆତ୍ମନ୍ୟାସରେ ଅନ୍ତର୍ଭୁକ୍ତ କରାଯାଇଛି । ବାସ୍ତବରେ ଆତ୍ମନିକ୍ଷେପ କହିଲେ ଆମେ କ'ଣ ବୁଝିବା ? ଶାସ୍ତ୍ରରେ କୁହାଯାଇଛି ଯେ ଈଶ୍ୱରଙ୍କ ଦ୍ୱାରା ରକ୍ଷିତ ହେଉଥିବା ଭକ୍ତର ପ୍ରଭୁତ୍ୱରେ ଅଭାବ ରହିବା । ଏହାକୁ ଟିକିଏ ବୁଝାଇ କହିଲେ ସ୍ପଷ୍ଟ ହୋଇଯିବ । ଭକ୍ତର ବା ସାଧକର ଯାହା କିଛି ଆଧ୍ୟାତ୍ମିକ ଶକ୍ତି ପ୍ରାପ୍ତି ହେବ, ସେ ସବୁରେ ତା'ର ସ୍ୱାମୀତ୍ୱ ବା ପ୍ରଭୁତ୍ୱ ରହିବ ନାହିଁ ଏବଂ ଲବ୍ଧ ଆଧ୍ୟାତ୍ମିକ ଫଳକୁ ସେ ପ୍ରଭୁଙ୍କ ପ୍ରତି ସମର୍ପଣ କରିବ । ଏହା ହିଁ ଆତ୍ମନିକ୍ଷେପର ମୂଳତତ୍ତ୍ୱ ।

**ତେନ ସଂରକ୍ଷମାଣସ୍ୟ ଫଳେ ସ୍ୱାମ୍ୟବିୟୁକ୍ତତା ।**
**କେଶବାର୍ପଣପର୍ଯ୍ୟନ୍ତା ହ୍ୟାତ୍ମନିକ୍ଷେପ ଉଚ୍ୟତେ ।।**

**(ଲ.ତ. ୧୭/୭୪)**

ଏହାକୁ ଦାର୍ଶନିକ ଦୃଷ୍ଟିରୁ ମଧ୍ୟ ବିଚାର କରାଯାଇଛି, ଆତ୍ମା ଏବଂ ଆତ୍ମୀୟଙ୍କ ମଧ୍ୟରେ ଆତ୍ମସର୍ମପଣ ହିଁ ଆତ୍ମନିକ୍ଷେପ । ଏହା ମାନସନ୍ୟାସର ଅଂଶବିଶେଷ । ମାନସନ୍ୟାସର ମୂଳବିନ୍ଦୁ

ହେଉଛି 'ଯାହାର ମନ ଯେଡ଼େ ତାହାର ପ୍ରଭୁ ସେଡ଼େ' । ମନକୁ ପତିତସ୍ତରରୁ ଊର୍ଦ୍ଧ୍ୱାଭିମୁଖୀ କରିବାକୁ ହେଲେ 'ଆତ୍ମସମର୍ପଣ' ହିଁ ବାସ୍ତବ ପଦ୍ଧତି । ଆତ୍ମସମର୍ପଣ କହିଲେ ତଦନ୍ତର୍ଗତ ପାଞ୍ଚ ଅଙ୍ଗ । ଆନୁକୂଲ୍ୟ ସଂକଳ୍ପାଦି ପାଞ୍ଚ ଅଙ୍ଗ ସମ୍ବନ୍ଧରେ ପୂର୍ବରୁ ଆଲୋଚନା ହୋଇଛି ।

ଅତଏବ ଆତ୍ମା ଏବଂ ଆତ୍ମୀୟଙ୍କ ମଧ୍ୟରେ ଏହି ପାଞ୍ଚ ଅଙ୍ଗଯୁକ୍ତ ଆତ୍ମସମର୍ପଣ ଉପାସନାଧାରା ହିଁ ଆତ୍ମନିକ୍ଷେପ । ଉପାସନାରେ ଭକ୍ତ ୫ ଅଙ୍ଗ ସିଦ୍ଧ ନ ହେଲେ ସ୍ୱ-ଲବ୍ଧ ଆଧ୍ୟାତ୍ମିକ ଫଳକୁ ପ୍ରଭୁଙ୍କୁ ସମର୍ପଣ କରିପାରିବ ନାହିଁ । ଆତ୍ମନିକ୍ଷେପ ସିଦ୍ଧ ହେବ ନାହିଁ କି ଆତ୍ମନ୍ୟାସ ସମ୍ପୂର୍ଣ୍ଣ ହେବ ନାହିଁ । ସେଥିପାଇଁ କୁହାଯାଇଛି -

**ଆତ୍ମାତ୍ମୀୟ ଭରନ୍ୟାସୋ ହ୍ୟାତ୍ମନିକ୍ଷେପ ଉଚ୍ୟତେ ।**

**(ଲ.ତ. ୧୭/୮୦)**

ଶରଣାଗତ ଭକ୍ତର ରକ୍ଷଣଭାର ଏବଂ ରକ୍ଷାର ଫଳ ସମସ୍ତ କିଛି ଶରଣାଗତ ଭକ୍ତର ନୁହେଁ, ପ୍ରଭୁଙ୍କୁ ସମର୍ପଣ ପାଇଁ । ଏହି ସମର୍ପଣ ଭାବ ହିଁ ଆତ୍ମନିକ୍ଷେପ । ସେଥିପାଇଁ ଆତ୍ମନିକ୍ଷେପର ଦାର୍ଶନିକ ବିଚାରବୋଧକୁ ଆତ୍ମନ୍ୟାସର ଗୁହ୍ୟତମ ତତ୍ତ୍ୱ ବୋଲି ବୈଷ୍ଣବାଗମ କହେ ।

ଜୀବ ହେଉଛି ଶେଷ, ଈଶ୍ୱର ହେଉଛନ୍ତି ଶେଷୀ । ଶେଷ ଶେଷିତ୍ୱ ଭାବବୋଧ ହିଁ ଆତ୍ମନ୍ୟାସ । ଏହାକୁ ଆଉ ଟିକିଏ ସରଳରେ ଆମେ ଉଦାହରଣ ଦେଇ ବିଚାର କରି ପାରିବା । ତାହା ହେଉଛି ଯେଉଁପରି ଈଶ୍ୱରଙ୍କ ବକ୍ଷସ୍ଥଳରୁ କୌସ୍ତୁଭମଣି ଅଲଗା ହୋଇପାରେ ନାହିଁ, ସେହିପରି ଶରଣାଗତ; ଈଶ୍ୱରଙ୍କ ଠାରୁ ଅଲଗା ହେବା ସମ୍ଭବ ନୁହେଁ । ଭକ୍ତ ନିଜ ଆତ୍ମାରେ ଈଶ୍ୱରଙ୍କୁ ନ୍ୟାସ କରିସାରିଥାଏ । ଏୟା ହିଁ ଆତ୍ମନ୍ୟାସ ।

**ଆତ୍ମାନଂ କୌସ୍ତୁଭ ଇତି ନ୍ୟସନଂ ମମ ବକ୍ଷସି ।**
**ଆତ୍ମନ୍ୟାସ ଇତି ପ୍ରୋକ୍ତା ମୁନିଭିସ୍ତତ୍ତ୍ୱବେଦିଭିଃ ।।**

**(ଭାର୍ଗବୋପପୁରାଣ ୨/୩୧)**

**ବିଲକ୍ଷଣ ରୂପକଳ୍ପ :-** ଯେତେବେଳେ ଭକ୍ତ ଈଶ୍ୱରଙ୍କ ହୃଦୟରେ କୌସ୍ତୁଭ ମଣି ରହିଲା ପରି ନିଜ ଆତ୍ମାକୁ ଈଶ୍ୱରଙ୍କ ହୃଦୟରେ ନ୍ୟାସ କରେ, ସେତେବେଳେ ତାହାର ଶରୀରତତ୍ତ୍ୱର ଏକ ଦାର୍ଶନିକ ବିଲକ୍ଷଣ ସୃଷ୍ଟି ହୁଏ । ଏହି ବିଲକ୍ଷଣ ଗୁଡ଼ିକର ବାସ୍ତବ ରହସ୍ୟ ଚର୍ଚ୍ଚାରୁ ଆମେ ପ୍ରସଙ୍ଗ ଦୃଷ୍ଟିରୁ ବିରତ ହୋଇ କେବଳ ବିଲକ୍ଷଣର ରୂପକଳ୍ପ ଦେଉଛୁ । ଏହି ପରିବର୍ତ୍ତନ ବିଲକ୍ଷଣର ରୂପକଳ୍ପ ସ୍ୱୟଂ ନାରାୟଣ ଧାରଣ କରନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ନାରାୟଣ ଉପାସିତ ବୈଷ୍ଣବମାନଙ୍କର ଆରାଧ୍ୟ । ଯେ ସମସ୍ତ ତାଙ୍କରି ଠାରେ ନ୍ୟାସ ହେବା ହିଁ ଆତ୍ମନ୍ୟାସ ।

**ଭକ୍ତର ବୁଦ୍ଧିତତ୍ତ୍ୱ - ଗଦା ରୂପରେ**
**ଭୂତାଦି ଇନ୍ଦ୍ରିୟତତ୍ତ୍ୱ - ଖଡ଼ଗ୍ ରୂପରେ**
**ତ୍ରିଧା ଅହଂକାର - ଶାର୍ଙ୍ଗ ରୂପରେ**
**ମନଃତତ୍ୱ - ଚକ୍ର ରୂପରେ**
**ଦଶଇନ୍ଦ୍ରିୟ - ବାଣ ରୂପରେ**
**ବିଦ୍ୟାମୟଜ୍ଞାନ - ଅସି ରୂପରେ**
**ଅବିଦ୍ୟାମୟ ଅଜ୍ଞାନ - ଚର୍ମ ରୂପରେ**
**ପଞ୍ଚଭୂତ - ବୈଜୟନ୍ତୀ ରୂପରେ ସ୍ୱୟଂ ନାରାୟଣ ଧାରଣ କରନ୍ତି ।**

ଭକ୍ତ ନିଜେ କୌସ୍ତୁଭ ସଦୃଶ ନିଜର ଆତ୍ମାକୁ ଶ୍ରୀଜଗନ୍ନାଥଙ୍କ ବକ୍ଷସ୍ଥଳରେ ସମ୍ୟକ୍ ନ୍ୟାସ କରି ଆନନ୍ଦମୟ ଚେତନାରେ ରହେ । ଉପରୋକ୍ତ ଦାର୍ଶନିକ ବିଲକ୍ଷଣ ମାଧ୍ୟମରେ 'ମାଧୁର୍ଯ୍ୟ' ଚେତନାରେ ପ୍ରବେଶ କରେ । ମାଧୁର୍ଯ୍ୟ ଚେତନାରେ ଭକ୍ତ ବାହ୍ୟ ବିଷୟ ଠାରୁ ବିମୁଖ ହୋଇଥାଏ । ଶ୍ରୀଜଗନ୍ନାଥଙ୍କର ବେଶ ଓ ଉତ୍ସବ ମାଧୁର୍ଯ୍ୟଲୀଳାର ଦ୍ୟୋତକ । ମାଧୁର୍ଯ୍ୟ ଚେତନାରେ ପ୍ରବେଶ ପାଇଁ ଏହା ବାହ୍ୟିକ ସୋପାନ । ଭାରତରେ କୌଣସି ଦେବତାଙ୍କର ଶ୍ରୀଜଗନ୍ନାଥଙ୍କ ପରି ମାଧୁର୍ଯ୍ୟ ବେଶ ପରମ୍ପରା ନାହିଁ । ଯେ ମାଧୁର୍ଯ୍ୟ ଚେତନା ହିଁ ଭକ୍ତକୁ ତନ୍ମୟ କରେ । ବାହ୍ୟବିଷୟ ଠାରୁ ବିଚ୍ଛିନ୍ନ କରିବାରେ ସାହାଯ୍ୟ କରେ । ପ୍ରଭୁଙ୍କ ପାଖରେ ସମର୍ପିତ ହୋଇ 'ଚିତ୍ତସମାଧିସ୍ଥ' ଲାଭ କରେ ।

ଶ୍ରୀଜଗନ୍ନାଥ ଚେତନାରୁ ମାଧୁର୍ଯ୍ୟ ଚେତନାର ପରମ୍ପରା ପାଞ୍ଚରାତ୍ରାଗମ ଗ୍ରହଣ କରିଥିବା ପରି ପ୍ରତିଭାତ ହୁଏ । ପାଞ୍ଚରାତ୍ର ଶାସ୍ତ୍ର ଏହି ପରମ୍ପରାକୁ ଉପାସନାରେ ଏକ ସ୍ୱତନ୍ତ୍ର ରୂପରେଖ ପ୍ରଦାନ କରି ଯାହାକୁ 'ଆତ୍ମନ୍ୟାସ' ରେ ହିଁ ମର୍ଯ୍ୟାଦା ଦେଇଛି । ଆନନ୍ଦରୁ ମାଧୁର୍ଯ୍ୟ, ମାଧୁର୍ଯ୍ୟରୁ ଚିତ୍ତସମାଧି, ଚିତ୍ତସମାଧିରୁ ତନ୍ମୟତା, ତନ୍ମୟରେ ହିଁ ମୁକ୍ତି । ଏହି 'ତନ୍ମୟ'କୁ ଆମେ ଏକ 'ଧାରା'ରେ ବ୍ୟକ୍ତ କରୁଛୁ ।

**ତନ୍ମୟ ଧାରାର ମୂଳବିନ୍ଦୁ :-** ଉପରୋକ୍ତ ଆଲୋଚନାରୁ ଆମେ ନିର୍ଦ୍ଦିଷ୍ଟ ଗୋଟିଏ ବିନ୍ଦୁରେ ପହଞ୍ଚିବା ଯେ ଶ୍ରୀଜଗନ୍ନାଥ ଚେତନାର ଉପାସନାରେ ଯେପରି ଏକ ନୂତନ ଧାରା ଆବିଷ୍କୃତ ହୋଇଥିଲା ଯାହା ବୈଦିକ ଏବଂ ଶାସ୍ତ୍ରୀୟ ତଥା ଗଣାଭିମୁଖୀ । ଯାହାକୁ ଯେ କୌଣସି ସମ୍ପ୍ରଦାୟର ଉପାସକ ଆପଣେଇ ନେବାରେ କୌଣସି

ଅସୁବିଧା ନଥିଲା । ଏହି ଆବିଷ୍କୃତ ପ୍ରୟୋଗାତ୍ମକ ନୂତନ ଧାରା ଯୋଗୁ ଶ୍ରୀଜଗନ୍ନାଥ ଗଣଦେବତାରେ ପରିଣତ ହୋଇପାରିଛନ୍ତି ।

ଉକ୍ତ ଧାରାଟି ହେଲା ‘‘ଆରାଧକ ଆରାଧ୍ୟଙ୍କ ସହିତ ଅଭ୍ୟନ୍ତର ଏବଂ ବାହ୍ୟ ଉପାସନା ଦ୍ୱାରା ତାଦାତ୍ମ୍ୟ ସ୍ଥାପନ କରେ । ଏହା ହିଁ ବରିବସ୍ୟା (ପୂଜା) ରହସ୍ୟର ମୂଳବିନ୍ଦୁ । କର୍ମକାଣ୍ଡର ଭୂତଶୁଦ୍ଧି, ପ୍ରାଣ ପ୍ରତିଷ୍ଠା, ନ୍ୟାସ ଏବଂ ମୁଦ୍ରା, ତାଦାତ୍ମ୍ୟ ସ୍ଥାପନର ଗୋଟିଏ ଗୋଟିଏ ଦ୍ୱାର ଥିଲା । ଜଗନ୍ନାଥ ଚେତନା ତନ୍ମଧ୍ୟରୁ ‘ନ୍ୟାସ’କୁ ଗଣାଭିମୁଖୀ କରାଇ ଉପାସନାରେ ମହତ୍ୱପୂର୍ଣ୍ଣ ସ୍ଥାନ ଦେଲା । କର୍ମକାଣ୍ଡର ଚାରିଦ୍ୱାର ଅତିକ୍ରମ କରି ସାଧକ ଯେପରି ସ୍ୱୟଂ ଦେବସ୍ୱରୂପ ହୋଇଯାଏ, ଶ୍ରୀଜଗନ୍ନାଥ ଚେତନାର ‘ନ୍ୟାସ’ର ଛ’ଟି ଅଙ୍ଗ ଦେଇ ଭକ୍ତଟିଏ ମଧ୍ୟ ସ୍ୱୟଂ ଦେବସ୍ୱରୂପ ହୋଇଯାଏ ।

ଦେବତା ହୋଇ ଦେବତା ଉପାସନା କରିବା ହେଉଛି ସାଧକ ପାଇଁ ସିଦ୍ଧାନ୍ତମାର୍ଗ । ଜଗନ୍ନାଥ ଚେତନା ସେଇ ରାସ୍ତା ଉନ୍ମୁକ୍ତ କରିଦେଲା ଭକ୍ତଟିଏ ପାଇଁ । ଭକ୍ତ ପାଇଁ ସିଦ୍ଧାନ୍ତମାର୍ଗ’ ପରିବର୍ତ୍ତେ ‘ଭକ୍ତିମାର୍ଗ’ ଦେଖାଇଦେଲା । ଯାହାକୁ ଚାରି ମୁଖ୍ୟ ବୈଷ୍ଣବ ସମ୍ପ୍ରଦାୟ ‘ନ୍ୟାସଯୋଗ’ରେ ବୁଝିଲେ ବୁଝାଇଲେ ଓ ଆପଣେଇ ନେଲେ ।

ତନ୍ମୟ ଧାରାର ଅନ୍ତିମ ପର୍ଯ୍ୟାୟକୁ ବିଚାର ବିମର୍ଶ କରିବା ପୂର୍ବରୁ ସନାତନ ଧାରାରେ ପୂର୍ବରୁ ଥିବା ଅବସ୍ଥାକୁ ଆମେ ଆକଳନ କରିବା । ଯେ ଅବସ୍ଥା ଉପାସନାର ଅବସ୍ଥା, ତାହା ଆମର ବିଚାର୍ଯ୍ୟ । ବରିବସ୍ୟା ରହସ୍ୟର ଦୁଇଟି ପଥ - ବାହ୍ୟ ଓ ଆଭ୍ୟନ୍ତର । ବାହ୍ୟ ବରିବସ୍ୟାର ପୂର୍ଣ୍ଣତା ପାଇଁ ବ୍ରତ, ଉପବାସ, ଉତ୍ସବ ଓ ପର୍ବପର୍ବାଣୀ ବିଧାନ କରିବାକୁ ହୁଏ । ଆଭ୍ୟନ୍ତର ପାଇଁ କୁଣ୍ଡଳିନୀ ଯୋଗ ।

ବୈଦିକ କର୍ମକାଣ୍ଡ ଠାରୁ ସାମାନ୍ୟ ବିଲକ୍ଷଣ ଯେ କର୍ମକାଣ୍ଡ । ଯାର ନିଷ୍ପତ୍ତି ପାଇଁ ଯେଉଁ ଶାସ୍ତ୍ରର ଆବିର୍ଭାବ ହେଲା, ତାହା ହିଁ ଆଗମଶାସ୍ତ୍ର । ଉଭୟ ବରିବସ୍ୟା ପାଇଁ ଯେଥିରେ ଚାରୋଟି ପାଦର ବିଧାନ ସୃଷ୍ଟି ହେଲା । ବିଦ୍ୟା (ଜ୍ଞାନ), ଯୋଗ, କ୍ରିୟା ଓ ଚର୍ଚ୍ଚା । ଯେ ବିଧାନ ମଧ୍ୟରେ ମୂଳରୁ ଶିବ କିମ୍ବା ବିଷ୍ଣୁ ନଥିଲେ । କିନ୍ତୁ ପରବର୍ତ୍ତୀ କାଳରେ ଶିବଙ୍କୁ ନେଇ ‘ଶୈବାଗମ’ ଓ ବିଷ୍ଣୁଙ୍କୁ ନେଇ ବୈଷ୍ଣବାଗମ ଶାକ୍ତତନ୍ତ୍ର, ସୌରତନ୍ତ୍ର, ଗାଣପତ୍ୟତନ୍ତ୍ର ସହ ସଂଯୁକ୍ତ ହେଲା । ପ୍ରଥମ ତିନୋଟି ଆଗମ ମଧ୍ୟରେ ଉପାସନା ବିଧିକୁ ନେଇ ସେପରି କୌଣସି ବିଶେଷ ପ୍ରଭେଦ ରହିଲା ନାହିଁ । ଯେଥିପାଇଁ ଯେଉଁ ମାନଙ୍କର ଏକନିଷ୍ଠ ଉଦ୍ୟମ ଭାରତୀୟ ବାଙ୍ମୟରେ ଆମେ ଦେଖିବା, ସେମାନେ ହେଲେ କୁଲ୍ଲୁକଭଟ୍ଟ (ଭାଗବତ, ବାୟୁସଂହିତା, ମନୁସ୍ମୃତିର ଟୀକାକାର), ଭାସ୍କର ରାୟ, ମିତ୍ରମିଶ୍ର ଓ ମଧୁସୂଦନ ସରସ୍ୱତୀ । ଯେମାନେ ଶ୍ରୁତି, ପୁରାଣ ଓ ଧର୍ମଶାସ୍ତ୍ରର ସମକକ୍ଷ କରାଇ ଉପାସନା ବିଧିକୁ ଖୁବ୍ ସତର୍କତାର ସହ ‘ପ୍ରାମାଣ୍ୟ’ ସ୍ୱୀକାର କରାଇ, ଦେଇଛନ୍ତି ।

**ଅନ୍ତିମ ଉଚ୍ଛ୍ୱାସ :-** ମାନବ ମାତ୍ରେ ଆଗମଶାସ୍ତ୍ର ବା ତନ୍ତ୍ରଶାସ୍ତ୍ରକୁ ମାନବଶାସ୍ତ୍ର ରୂପେ ସ୍ୱୀକାର କରିବାକୁ ବାଧ୍ୟ । ତାହା ପ୍ରତ୍ୟକ୍ଷରେ ହୋଇପାରେ, ପରୋକ୍ଷରେ ବି । ମନେ ରଖିବାକୁ ହେବ ଆମକୁ ଯେ ଆଗମଶାସ୍ତ୍ର ‘ଅତିବାଦ’ ଉପରେ ଖୁବ୍ କମ୍ ଗୁରୁତ୍ୱ ଦେଇଥାଏ । କାରଣ ଆଗମଚର୍ଚ୍ଚା ଅଧିକତର ଆବୃତାତ୍ମକ । ତାହା ମନ୍ତ୍ରର ରହସ୍ୟାତ୍ମକ ଦିଗ ହେଉ କି ସଂସ୍କାରଯୁକ୍ତ ବର୍ଣ୍ଣମାତୃକାର ବୀଜାତ୍ମକ ସ୍ୱରୂପ ଦିଗ ହେଉ କି ମନ୍ତ୍ରର ପ୍ରୟୋଗାତ୍ମକ ଦିଗ ହେଉ କିମ୍ବା ସଂକେତର ପ୍ରୟୋଗ ହେଉ ।

ଯାର ମୂଳ ଲକ୍ଷ୍ୟ ତେବେ କ’ଣ ? ତାହା ହେଲା ଈଶ୍ୱରଙ୍କ ପାଖରେ ପହଞ୍ଚିବା ଅପେକ୍ଷା ଈଶ୍ୱରଙ୍କୁ ନିଜ ନିକଟକୁ ଆସିବା ପାଇଁ ବିବଶ କରିଦେବା ।

ଆଗମ ଦର୍ଶନର ୨ୟ ଲକ୍ଷ୍ୟ ‘‘ଭକ୍ତକୁ ଭଗବାନଙ୍କ ସହିତ ସଂଯୁକ୍ତ କରିବା । ବାସ୍ତବରେ ଭକ୍ତକୁ ଭଗବାନ ରୂପେ ପରିଣତ କରିବା । କାରଣ କେବଳ ମନୁଷ୍ୟ ହିଁ ବିଶ୍ୱାତୀତ ସହିତ ସମ୍ବନ୍ଧ ରଖି ବିଶ୍ୱ ସହିତ ମଧ୍ୟ ସମ୍ବନ୍ଧ ରଖିପାରେ । ଯାର ଊର୍ଦ୍ଧ୍ୱମୁଖୀ ପରିଣତି ‘ଜଗତ’ ଆଡ଼କୁ । ଜଗତ ଓ ଜଗନ୍ନାଥ ଉଭୟେ ‘ଏକ’, ଯାହା ପୂର୍ବରୁ ଆମେ ଜାଣିଲେ । ଜଗତ ପ୍ରତି ଊର୍ଦ୍ଧ୍ୱାଭିମୁଖୀ ଚେତନା ନେଇଯାଏ ଜଗନ୍ନାଥଙ୍କ ଆଡ଼କୁ । ଜଗନ୍ନାଥଙ୍କ ପ୍ରତି ସୃଷ୍ଟ ସେଇ ଚେତନା ନେଇଯାଏ ‘ଜଗତ’ ଆଡ଼କୁ । ଏଇ ନେଇ ଯାଉଥିବା ଚେତନା ହିଁ ତନ୍ମୟ ଧାରା । ବିନା ତନ୍ମୟରେ ଜଗତ ଓ ଜଗନ୍ନାଥ ଉଭୟେ ଅଲଗା ।

❑❑❑

**ଗବେଷଣା ଅଧିକାରୀ**
**ଅଗ୍ରୀୟ ସଂସ୍କୃତ ଗବେଷଣା କେନ୍ଦ୍ର**
**ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ-୩**